# Akashvani, Sambalpur

## SAMBALPURI NEWS EVENING BULLETIN

## 20 October 2025- 7.02 pm- 7.12 pm.

*********************************************

୧- ଆଇଏନ୍‌ଏସ୍ ବିକ୍ରାନ୍ତ ଆତ୍ମନିର୍ଭର୍ ଭାରତ୍‌ର ଗୁଟେ ବର୍‌କସ୍ ଉଦାହରଣ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଓଡ଼ିଶା ସହେତେ ସାରାଦେଶେ ପାଲନ୍ ହେଉଛେ ଉକିଆର୍ ତିହାର୍ ଦିଆଲି ।

- ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ ଜନାଲେ ଶୁଭେଚ୍ଛା ।

- ଶ୍ରୀକ୍ଷେତ୍ର ପୁରୀ ନ ଚାଲିଛେ ପୟାଶ୍ରାଦ୍ଧ ।

୩- ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଆଏଜ୍ ଶେଷ୍ ହେଇଛେ ନାମାଙ୍କନ୍ ପତ୍ର ଦାଖଲ୍ ।

- ୧୭ ଝନ୍ ପ୍ରାର୍ଥୀ ଦାଖଲ୍ କରିଛନ୍ ନାମାଙ୍କନ୍ ପତ୍ର ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲାଗି ରହିଛେ ବର୍ଷା ।

ପିଏମ୍ ଦୀପାବଲୀ        ଏନ୍ଏସ୍ଡି

ତିନ୍‌ହି ପ୍ରତିରକ୍ଷା ବାହିନୀ ଭିତ୍‌ରେ ସମନ୍ୱୟ ଅପରେସନ୍ ସିନ୍ଦୁର୍ ସମିଆଥି ପାକିସ୍ତାନ୍‌କେ ଆତ୍ମସମର୍ପଣ୍ କର୍‌ବାର୍ ଲାଗି ବାଧ କରିଥିଲା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଗୋଆ ଆର୍ କର୍‌ଓ୍ୱାର୍ ସମୁଦ୍ରଖଁଡ଼ି ଇଲାକା ନ ଆଇଏନ୍‌ଏସ୍ ବିକ୍ରାନ୍ତ୍ ଥି ନୌସେନା କର୍ମଚାରୀମାନ୍‌କର୍ ସହେତେ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଦିଆଲି ପାଲନ୍ କରିଛନ୍ । ସର୍‌କାର୍ ସବୁ ଆହ୍ୱାନ୍‌ର ମୁକାବିଲା କର୍‌ବାର୍ ସହେତେ ସ୍ଥିରତା ବଜାୟ ରଖିବାର୍ ଲାଗି ସବୁ ପ୍ରକାରର୍ ପଦକ୍ଷେପ୍ ନଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ନୌସେନା କର୍ମଚାରୀମାନ୍‌କୁ ସମ୍ବୋଧନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ସେମାନ୍‌କର୍ ସାଙ୍ଗେ ଦିଆଲି ପାଲନ୍ କରୁଥିବାର୍‌ନୁ ସେ ଗର୍ବିତ ଆନ୍ । ସମୁଦ୍ର ପାଏନ୍‌ଥି ସୂର୍ଯ୍ୟକିରଣ୍‌ର ଉଜାଲା ସାହସୀ ସୈନିକ୍ ମାନ୍‌କର୍ ଆଡୁ ଜଲାଯାଇଥିବା ଦିପାବଲୀର୍ ଦୀପ୍ ବାଗିର୍ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଆହୁରି କହିଛନ୍, ସୁରକ୍ଷା ବାହିନୀର୍ ସାହସ୍ ଆଉ ଦୃଢ଼ ନିଷ୍ପତି ଲାଗି ଦେଶୁ ମାଓବାଦ୍ ଆଉ ଆତଙ୍କବାଦ୍‌କେ କମ୍ କର୍‌ବାର୍‌ଥି ଉଲ୍ଲେଖନୀୟ ସଫଲତା ମିଳିଛେ ।

ଦିଆଲି        ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆଏଜ୍ ହେଉଛେ ଉକିଆ ଆର୍ ଆନନ୍ଦ୍‌ର୍ ତିହାର୍ ଦିଆଲି । ଶାସ୍ତ୍ର ଅନ୍‌ସାରେ ମାଁ ଲକ୍ଷ୍ମୀ ଆଏଜ୍ ପୁର୍‌ଥିକେ ବିଜେ କର୍‌ସନ୍ । ରାବଣ୍‌କେ ବଧ କଲା ଉତ୍‌ରୁ ରାମ୍ ମାହାପୁରୁ ଦିଆଲି ଦିନ ଅଯୋଧ୍ୟାକେ ଫିରିଥିବାର୍‌ନୁ ଦୀପ୍ ଜଲେଇକରି ତାହାକୁ ସ୍ୱାଗତ୍ କର୍‌ବାର୍ ପରମ୍ପରା ଚଲିଆସିଛେ । ଦିଆଲି ପରବ୍ ଅନ୍ଧାର୍ ଉପ୍‌ରେ ଉଜଲ୍‌ର ଜିତ୍ ଆର୍ ଶକ୍ତି ସାଙ୍ଗେ ଜ୍ଞାନ୍ ଉପାସନାର୍ ବାର୍ତା ଦେସି । ରାଏଜେ ଭିନ୍ ଭିନ୍ ଜାଗା ନ ଆଏଜ୍ ଦେବୀପୀଠ ଆର୍ ମଣ୍ଡପ୍ ମାନ୍‌କୁ କାଳୀପୂଜା କରାଯାଉଛେ ।

ପରିବେଶ୍ ଅନୁକୂଳ ଦିଆଲି ପାଲନ୍ ଲାଗି ସବୁଜ ଫଟ୍‌କା ଫଟାବାର୍‌କେ ଅନୁମତି ଦିଆଯାଇଛେ । ବହୁତ୍ ଆବାଜ୍ କରୁଥିବା ଫଟ୍‌କା ବେଭାର୍ ଉପ୍‌ରେ ଭିଲ୍ କଟ୍‌କନା ଜାରି କରାଯାଇଛେ । ବେଲ୍‌ବୁଡ଼୍‌ର ୭ ନୁ ୯ ବଜେତକ୍ ଫଟ୍‌କା ଫଟାବାର୍‌କେ ପ୍ରଶାସନ୍ ତର୍‌ଫୁ ସମିଆ ଧାରିଜ୍ କରାଯାଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଦିଆଲିର୍ ଶୁଭେଚ୍ଛା ଜନାବାର୍ ସହେତେ ସମ୍‌କର୍ ସୁଖ୍ ଆଉ ସମୃଦ୍ଧି କାମ୍‌ନା କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଦିଆଲି ଶୁଭ୍‌କାମନା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ବାର୍ତା ଦେଇକରି ସେ କହିଛନ୍ । ଆଲୋକ୍‌ର ଇ ପବିତ୍ର ପର୍ବ ସମ୍‌କର୍ ଜୀବନ୍‌ଥି ସୁଖ୍ ଆଉ ସମୃଦ୍ଧି ଭରିଦଉ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଦିଆଲି ଅବ୍‌ସରେ ରାଜ୍ୟବାସୀଙ୍କୁ ଆନ୍ତରିକ୍ ଶୁଭେଚ୍ଛା ଜନାବାର୍ ସହେତେ ଇ

ତିହାର୍ ସମୃଦ୍ଧ ସାଂସ୍କୃତିକ୍ ଅସ୍ମିତା ଆଉ ଆଧ୍ୟାତ୍ମିକତାର୍ ମୁଖିଆ ଅଂଶ ଆଏ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିଆଲି ଅବ୍ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସେ କହିଛନ୍ ଆଲୋକ୍ର ଉପସ୍ଥିତି ଅନ୍ଧକାର୍କେ ହଟେଇଦେସି । ସମ୍କର୍ ଜୀବନ୍ଥି ମା ଜ୍ଞାନ୍ର ଆଲୋକ୍ ଭରିଦେଇକରି ସୁଖ୍, ଶାନ୍ତି ଆଉ ସମୃଦ୍ଧି ଆନୁନ୍ ବଲି ସେ କାମ୍ନା କରିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଦିଆଲି ଅବ୍ସରେ ସମ୍କୁ ଶୁଭ୍କାମନା ଜନେଇଛନ୍ ।

ପୟାଶ୍ରାଦ୍ଧ ପୁରୀ ସମ୍ବାଦଦାତା

ଦିଆଲି ଆଉ ପୟାଶ୍ରାଦ୍ଧ ଅବ୍ସରେ ପିତୃପୁରୁଷମାନ୍କର୍ ମୋକ୍ଷ ପ୍ରାପ୍ତି ଲାଗି ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଶ୍ରାଦ୍ଧ ଆଉ ବଡ଼ବଡୁଆ ଡାକ୍ବାର୍ ପରମ୍ପରା ପାଲିତ୍ ହେଉଛେ । ଶ୍ରୀମନ୍ଦିର୍ ଆଗ୍ଆଡ଼େ ପ୍ରଶାସନିକ୍ ଶୃଙ୍ଖଲା ଆଉ ବ୍ୟବସ୍ଥା ଭିତ୍ରେ ଲକ୍ଷାଧିକ୍ ଭକ୍ତ ବଡ଼ବଡୁଆ ଡାକୁଥିବାର୍ ବେଲେ ନିଜର୍ ପିତୃପୁରୁଷମାନ୍କର୍ ଉଦ୍ଦେଶ୍ୟ ନ କାଉଁରିଆଥି ଜୁଏ ଲଗେଇକରି ଦୀପଦାନ୍ କରୁଛନ୍ । ଭକ୍ତ ଆଉ ଶ୍ରଦ୍ଧାଳୁମାନ୍କର୍ ଭିଡ଼୍କେ ନଜର୍ଥି ରଖିକରି ପ୍ରଶାସନ୍ ତରଫୁ ୨୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ । ଅଗ୍ନିଶମ ବାହିନୀକେ ଭିଲ୍ ନିୟୋଜନ୍

କରାଯାଇଛେ । ଶ୍ରୀକ୍ଷେତ୍ର ନ ଥିବା ଶ୍ୟାମାକାଳୀ, ଦକ୍ଷିଣକାଳୀ, ବାଟକାଳୀ ଆଉ ଗଛକାଳୀଙ୍କର୍ ସହେତେ ବୀରଗୋବିନ୍ଦପୁର୍ ଗାଁ ନ ଥିବା ପ୍ରସିଦ୍ଧ ମା ଦକ୍ଷିଣକାଳୀଙ୍କର୍ ମନ୍ଦିର୍ ନ ଆଏଜ୍ ଅଧ୍‌ରାତି କାଳୀପୂଜା କରାଯିବା ।

ଦିଆଲି-୧ ସମ୍ବଲପୁର/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ପୀଠ ନ ଆଏଜ୍ ଧୁମ୍‌ଧାମ୍‌ଥି ଦିଆଲି ପରବ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ମନ୍ଦିର୍ ଟ୍ରଷ୍ଟବୋର୍ଡ୍ ତରଫୁ ପ୍ରକଳ୍ପ ଇଲାକା ନ ୧୧ ହଜାର୍ ଦୀପ ଜଲାଯାଇଛେ । ମାଟିଦୀପଥି ସାରା ଇଲାକା ଝଲ୍‌ସି ଉଠୁଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଉକିଆର୍ ତିହାର୍ ଦିଆଲିକେ ଉସ୍‌ନାକିଥି ପାଲନ୍ କରାଯାଉଛେ । ଜିଲ୍ଲାର୍ ସୁସଜ୍ଜିତ୍ ମଣ୍ଡପ୍ ମାନ୍‌କେ ମା କାଳୀଙ୍କର୍ ପୂଜା ମୂଲ୍ ହେଇଛେ । ଆଏଜ୍ ସଖାଲ୍‌ବେଲା ମହାନଦୀ ଆଉ ତେଲ୍ ନଦୀର୍ ସଂଗମ୍ ସ୍ଥଲୀ ସ୍ୱର୍ଣ୍ଣପୟାଗ୍ ଘାଟ୍ ସହେତେ ବିନ୍‌କା ପାପକ୍ଷୟ ଘାଟ୍ ନ ଲୁକେ ପିତୃପୁରୁଷଙ୍କର୍ ଉଦ୍ଦେଶ୍ୟଥି ପୟାଶ୍ରାଦ୍ଧ କରିଛନ୍ । ଜିଲ୍ଲାର୍ ଗାଁମାନ୍‌କେ ଥିବା ଭୁଲିଆ ସମ୍ପ୍ରଦାୟର୍ ବୁନ୍‌କାର୍ ମାନେ ନିଜର୍ ମଙ୍ଗାଶାଲ୍ ନ ମା’ ଲକ୍ଷ୍ମୀଙ୍କର୍ ପୂଜା କରିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଦେଇପାର୍‌ବେ ।

ଉପନିର୍ବାଚନ୍- ନାମାଙ୍କନ୍ ଦାଖଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପନିର୍ବାଚନ୍ ଲାଗି ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ ଶେଷ୍ ହେଇଛେ । ୧୭ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଆଘୋନୁ ବିଜେପି ପ୍ରାର୍ଥୀ

ଜୟ ଢୋଲ୍‌କିଆ ଆଉ କଂଗ୍ରେସ୍‌ରୁ ଘାସିରାମ୍ ମାଝୀ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ଆଏଜ୍ ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେଆଡ଼େ ଆଏଜ୍ ବିଜେପି ଆଉ କଂଗ୍ରେସ୍ ପ୍ରାର୍ଥୀ ୨ ସେଟ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସମାଜ୍‌ବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ୍ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ବହୁଜନ୍ ସମାଜ୍ ପାର୍ଟି ତର୍‌ଫୁ ରାଜାରାମ୍ ସାହୁଙ୍କର୍ ସହେତେ ୧୧ ଝନ୍ ସ୍ୱାଧୀନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖ୍‌ଲ କରିଛନ୍ । ଉପ ନିର୍ବାଚନ୍ ଲାଗି ୨୫ ଝନ୍ ପ୍ରାର୍ଥୀ ୩୫ ଟା ଫର୍ମ ଘିନିଥିବାର୍ ବେଲେ ୧୭ ଟା ଦାଖଲ୍ କରାଯାଇଛେ ।

ବିଜେପି ତର୍‌ଫୁ ପ୍ରାର୍ଥୀ ହେଇଥିବା ଜୟ ଢୋଲ୍‌କିଆ କହିଛନ୍.....

(ଭଏସ୍ ଓଭର୍- ଜୟ ଢୋଲ୍‌କିଆ)

ବିଜେଡ଼ି ତର୍‌ଫୁ ପ୍ରାର୍ଥୀ ହେଇଥିବା ସ୍ନେହାଙ୍ଗିନୀ ଛୁରିଆ କହିଛନ୍...

(ଭଏସ୍ ଓଭର୍- ସ୍ନେହାଙ୍ଗିନୀ ଛୁରିଆ)

କଂଗ୍ରେସ ପ୍ରାର୍ଥୀ ଘାସିରାମ୍ ମାଝୀ କହିଛନ୍...

(ଭଏସ୍ ଓଭର୍- ଘାସିରାମ୍ ମାଝୀ)

ଆଏବା ୨୨ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ କରାଯିବାର୍ ସହେତେ ୨୪ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରହିଛେ । ନଭେମ୍ବର୍ ୧୧ ତାରିଖ୍ ଭୋଟ୍ ଗ୍ରହଣ୍

କରାଯାଇକରି ୧୪ ତାରିଖ୍ ଭୋଟ୍ ଗନ୍ତି ସହେତେ ଫଲାଫଲ୍ ଜନାପଡ଼୍ବା ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ହି.ସ.

ଆଏବା କାଏଲ୍ କଟକ୍ ନ ଥିବା ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟ ପରିସର୍ ନ ୬୬ ନମ୍ବର୍ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ପାଲନ୍ କରାଯିବା । ଇ ଅବ୍‌ସରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହିକରି ଅମର୍ ଶହୀଦ୍ ଯବାନ୍ ମାନ୍‌କୁ ଫୁଲ୍‌ମାଲ୍ ଦେଇକରି ସମ୍ମାନ୍ ଜନାବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଅଷ୍ଟିଓପୋରୋସିସ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଅଷ୍ଟିଓପୋରୋସିସ୍ - ଅସ୍ଥିକ୍ଷୟ ରୋଗ୍ ନିରାକରଣ୍ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ଇ ରୋଗ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଲାଗି ଜାତୀୟ ଆଉ ଅନ୍ତର୍ଜାତୀୟ ସ୍ତର୍ ନ ବହୁତ୍‌ଟେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଅଷ୍ଟିଓ ମାନେ ହେଲା ହାଡ଼୍ ଆର୍ ପୋରୋସିସ୍‌ର ମାନେ କଣ୍‌ହା ଥିବା । ଇ ରୋଗ୍‌ଥି ପିଡ଼ିତ୍ ରୋଗୀମାନ୍‌କର୍ ହାଡ଼୍‌ଥି

କଣ୍ହା ହେଇଯାଏସି  ଆଉ ସେମାନ୍କର୍ ହାଡ଼୍ ଦୁର୍ବଲ୍ ଆର୍ ଶକ୍ତିହୀନ ହେଇଯାଏସି । ଅଷ୍ଟିଓପୋରୋସିସ୍ଥି ପିଡ଼ିତ୍ ଝନେ ବ୍ୟକ୍ତି ନ ଅଂଟା ଦରଜ୍ ଆର୍ ମେରୁଦଣ୍ଡ ହାଡ଼୍ କ୍ଷୟ ହେବାର୍ ବାଗିର୍ ଲକ୍ଷ୍ୟ ଦେଖାଯାଏସି । ଇ ରୋଗ୍ନୁ ରକ୍ଷା ପାଏବାର୍ ଲାଗି ଗୁରସ୍, ଦହି, ଛେନା ବାଗିର୍ କେଲ୍ସିୟମ୍ ଥିବା ଦରବ୍ ଖାଏବାର୍ ସହେତେ ଶରୀର୍ର ଉଜନ୍କେ ସନ୍ତୁଲିତ୍ ରଖ୍ବାର୍ ନିହାତି ଜରୁରୀ ଆଏ ବଲି ବିଶେଷଜ୍ଞମାନେ ମତ ଦେଇଛନ୍ । ସବୁଦିନିଆ ଜୀବନ୍ଥି ବ୍ୟାୟାମ୍ ଆଉ ପୁଷ୍ଟିକର ଖାଦ୍ୟ ଖାଏବାର୍ନୁ ହାଡ଼୍ ମଜ୍ବୁତ୍ ହେବାର୍ ସହେତେ ଅସ୍ଥି କ୍ଷୟ ବାଗିର୍ ସମସ୍ୟାର୍ ମୁକାବିଲା କରାଯାଇପାର୍ବା ବଲି ଆୟୁସ୍ ମନ୍ତ୍ରଣାଲୟ ତର୍ଫୁ ପରାମର୍ଶ ଦିଆଯାଇଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଲୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍ଥି ଆଏବା କାଏଲ୍ତକ୍ ଦକ୍ଷିଣ ପୂର୍ବ ବଙ୍ଗୋପ୍ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଅଏତ୍କା ଘନୀଭୂତ୍ ହେଇକରି ଆଏବା ୨୩

ତାରିଖ୍‌ତକ୍ ଅବପାତ୍‌ଥି ବଦ୍‌ଲିବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ ବିଭାଗ୍ ଆକଲନ୍ କରିଛେ । ଆଏବା ୨୪ ନୁ ୨୬ ତାରିଖ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ମଧ୍ୟମ୍ ନୁ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି
୨୦ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।